16/12/18 ପ୍ରାତଃ ମୁରଲୀ ଓମ୍ ଶାନ୍ତି "ଅବ୍ୟକ୍ତ ବାପଦାଦା" ପୁନରାବୃତ୍ତି: ୯.୦୩.୮୪
ମଧୁବନ

**ବାପଦାଦା ସମସ୍ତ ଚାତକ ପକ୍ଷୀ ସଦୃଶ ତୃଷାର୍ତ୍ତ ପିଲାମାନଙ୍କୁ ଦେଖୁଛନ୍ତି । ସମସ୍ତଙ୍କର ଶୁଣିବା, ମିଶିବା ଏବଂ ବାବାଙ୍କ ସମାନ ହେବାର ଶ୍ରେଷ୍ଠ ଲକ୍ଷ୍ୟ ରହିଛି । ଶୁଣିବାରେ ତ ସମସ୍ତେ ନମ୍ବରୱାନ ଚାତକ ଅଟନ୍ତି କିନ୍ତୁ ମିଶିବାରେ କ୍ରମରେ ଆସିଯାଉଛନ୍ତି ଏବଂ ସମାନ ହେବାରେ ସମସ୍ତେ ଯଥା ଶକ୍ତି ତଥା ସମାନରେ ଅଛନ୍ତି! କିନ୍ତୁ ସମସ୍ତ ଶ୍ରେଷ୍ଠ ଆତ୍ମାମାନେ, ବ୍ରାହ୍ମଣ ଆତ୍ମାମାନେ ତିନିଟି ଯାକର ଚାତକ ନିଶ୍ଚିତ ଅଟନ୍ତି । ତେବେ ନମ୍ବରୱାନ ଚାତକମାନେ ମାଷ୍ଟର ମୁରଲୀ ଧର, ମାଷ୍ଟର ସର୍ବଶକ୍ତିବାନ ବାବାଙ୍କ ସମାନ ସର୍ବଦା ଏବଂ ସହଜରେ ହୋଇଯାଆନ୍ତି । ଶୁଣିବା ଅର୍ଥାତ୍ ମୁରଲୀଧର ହେବା । ମିଶିବା ଅର୍ଥାତ୍ ସଂଗର ରଂଗରେ ସେହିଭଳି ଶକ୍ତି ଏବଂ ଗୁଣର ରଙ୍ଗରେ ରଙ୍ଗାୟିତ ହୋଇଯିବା । ହେବା ଅର୍ଥାତ୍ ସଂକଳ୍ପ ରୂପୀ ପାଦ ଉପରେ, ବାଣୀ ରୂପୀ ପାଦ ଉପରେ, କର୍ମରୂପୀ ପାଦ ଉପରେ ପାଦ ରଖି ସାକ୍ଷାତ୍ ବାପ ସମାନ ହେବା । ସନ୍ତାନର ସଂକଳ୍ପରେ ବାବାଙ୍କର ସଂକଳ୍ପ ସମାନ ଅନୁଭବ ହେଉ । ବାଣୀ ଏବଂ କର୍ମରେ ଯେପରି ପିତା ସେପରି ପୁତ୍ର ସମସ୍ତଙ୍କୁ ଅନୁଭବ ହେଉ । ଏହାକୁ ହିଁ କୁହାଯାଏ ସମାନ ହେବା ବା ନମ୍ବର ୱାନ ଚାତକ । ତିନୋଟି ଯାକ ଚେକ୍ କର ମୁଁ କିଏ! ସବୁ ପିଲାଙ୍କର ଉମଙ୍ଗ-ଉତ୍ସାହ ଭରା ସଂକଳ୍ପ ବାପଦାଦାଙ୍କ ନିକଟରେ ପହଞ୍ଚୁଛି । ସଂକଳ୍ପ ତ ବହୁତ ଭଲ ସାହାସ ଏବଂ ଦୃଢ଼ତାର ସହିତ କରୁଛନ୍ତି । ତେଣୁ ସଂକଳ୍ପ ରୂପୀ ବୀଜ ମଧ୍ୟ ଶକ୍ତିଶାଳୀ ଅଛି କିନ୍ତୁ ଧାରଣା ରୂପୀ ଧରଣୀ (ମାଟି), ଜ୍ଞାନରୂପୀ ଗଙ୍ଗାଜଳ ଏବଂ ଯୋଗ ରୂପକ ସୂର୍ଯ୍ୟକିରଣ କୁହ ବା ଉଷ୍ମତା କୁହ, ବାରମ୍ବାର ନିଜ ଉପରେ ଧ୍ୟାନ ଦେବାର ଦେଖା-ରେଖା କରିବାରେ କେଉଁଠି କେଉଁଠି ଢିଲା ହୋଇଯାଉଛନ୍ତି, ସେଥିପାଇଁ ଗୋଟିଏ କଥାରେ ମଧ୍ୟ କମୀ ହୋଇଯିବା କାରଣରୁ ସଂକଳ୍ପରୂପୀ ବୀଜ ସଦା ଫଳଦାୟକ ହେଉନାହିଁ । କିଛି ସମୟ ପାଇଁ ଅର୍ଥାତ୍ ଗୋଟିଏ ସିଜିନ୍ ବା ଦୁଇଟି ସିଜିନ୍ ଫଳ ଦେଉଛି । ସଦାକାଳ ପାଇଁ ଫଳ ଦେଉ ନାହିଁ । ତା'ପରେ ଭାବୁଛନ୍ତି ବୀଜ ତ ଶକ୍ତିଶାଳୀ ଥିଲା, ପ୍ରତୀଜ୍ଞା ତ ଦୃଢ ଭାବରେ କରିଥିଲି । ସ୍ପଷ୍ଟ ମଧ୍ୟ ହୋଇଯାଇଥିଲା, ପୁଣି ଜଣାପଡୁନାହିଁ କ'ଣ ହେଲା । ୬ ମାସ ପର୍ଯ୍ୟନ୍ତ ତ ବହୁତ ଉମଙ୍ଗ-ଉତ୍ସାହ ରହିଲା ତା'ପରେ ଚାଲୁ ଚାଲୁ ଜଣାପଡିଲା ନାହିଁ କ'ଣ ହେଲା । ସେଥିପାଇଁ ଯେଉଁ କଥା ସବୁ ପ୍ରଥମରୁ ଶୁଣାଇଲି ତା' ଉପରେ ଧ୍ୟାନ ଦିଅ ।**

ଦ୍ୱିତୀୟ କଥା— ଛୋଟ ଛୋଟ କଥାରେ ମଧ୍ୟ ବହୁତ ଶୀଘ୍ର ବିଚଳିତ ହୋଇଯାଉଛି । ବିଚଳିତ ହେବା କାରଣରୁ ଛୋଟ କଥାକୁ ବଡ କରିଦେଉଛ, ପିମ୍ପୁଡ଼ିକୁ ହାତୀ କରିଦେଉଛ, ସେଥିପାଇଁ ସନ୍ତୁଳନ ରକ୍ଷା କରିପାରୁ ନାହଁ । ସନ୍ତୁଳନ ନ ରହିବା କାରଣରୁ ଜୀବନ ଭାରୀ-ଭାରୀ ଲାଗୁଛି । ହୁଏତ ନିଶାରେ ଆସି ବିଲକୁଲ୍ ଉପରକୁ ଚଢିଯାଉଛ ନଚେତ୍ ଛୋଟିଆ ଗୋଡିଟିଏ ମଧ୍ୟ ତଳକୁ ଖସାଇ ଦେଉଛି । ଜ୍ଞାନୀ ହୋଇ ଗୋଟିଏ ସେକେଣ୍ଡରେ ତାକୁ ଦୂର କରିବା ପରିବର୍ତ୍ତେ ଗୋଡିଟିଏ ଆସିଗଲା, ତେଣୁ ଅଟକିଗଲି, ତଳକୁ ଆସିଗଲି, ଏଇଆ ହେଲା, ଏହି କଥା ସବୁ ଚିନ୍ତା କରିବାରେ ଲାଗି ପଡୁଛ । ରୋଗୀ ହୋଇଗଲି, ଜ୍ୱର ବା ବିନ୍ଧା ହୋଇଗଲା । ଯଦି ଏହି କଥା ଚିନ୍ତା କରିବ ବା କହିଚାଲିବ ତେବେ ଅବସ୍ଥା କ'ଣ ହେବ । ତେଣୁ ଏହିଭଳି ଯେଉଁ ସବୁ ଛୋଟ ଛୋଟ କଥା ଆସୁଛି ସେଗୁଡିକୁ ସମାପ୍ତ କର, ହଟାଇ ଦିଅ ଏବଂ ଉଡ । ହୋଇଗଲା, ଆସିଗଲି, ଏହି ସଂକଳ୍ପରେ ଦୁର୍ବଳ ହୁଅ ନାହିଁ । ଔଷଧ ଖାଅ ଏବଂ ସୁସ୍ଥ ହୁଅ । କେବେ କେବେ ବାପଦାଦା ପିଲାମାନଙ୍କର ଚେହେରାକୁ ଦେଖି ଭାବୁଛନ୍ତି ଏବେ-ଏବେ କ'ଣ ଥିଲ, ଏବେ-ଏବେ କ'ଣ ହୋଇଗଲ! ଇଏ ସେହି ନା ଆଉ କିଏ ? ତେବେ ତୁରନ୍ତ ତଳ-ଉପର ହେବା ଦ୍ୱାରା କ'ଣ ହେଉଛି ? ମଥା ଭାରୀ ହୋଇଯାଉଛି । ଏମିତି ବି ସ୍ଥୂଳରେ ମଧ୍ୟ ଯଦି ତୁରନ୍ତ ତଳ ଉପର ହୋଇଯିବ ତେବେ ମୁଣ୍ଡ ଘୁରେଇ ଦେବ ନା । ତେଣୁ ଏହି ସଂସ୍କାରକୁ ପରିବର୍ତ୍ତନ କର । ଏମିତି ଭାବ ନାହିଁ ଯେ ଆମମାନଙ୍କର ଅଭ୍ୟାସ ହିଁ ଏହିଭଳି । ଦେଶ କାରଣରୁ ବା ବାୟୁମଣ୍ଡଳ କାରଣରୁ ବା ଜନ୍ମଗତ ସଂସ୍କାର ବା ସ୍ୱଭାବ କାରଣରୁ ଏହିଭଳି ହୋଇ ଆସୁଛି । ତେବେ ଏହିଭଳି ମାନ୍ୟତା ମଧ୍ୟ ଦୁର୍ବଳ କରିଦେଉଛି । ଯେହେତୁ ତୁମର ଜନ୍ମ ବଦଳିଗଲା । ତେଣୁ ସଂସ୍କାରକୁ ମଧ୍ୟ ବଦଳାଇଦିଅ । ଯେବେକି ବିଶ୍ୱ ପରିବର୍ତ୍ତକ ଅଟ ତେବେ ସ୍ୱପରିବର୍ତ୍ତକ ତ ପ୍ରଥମରୁ ହିଁ ଅଟ ନା । ନିଜର ଆଦି ଏବଂ ଅନାଦି ସ୍ୱଭାବ-ସଂସ୍କାରକୁ ଜାଣ କାରଣ ତାହା ହିଁ ତୁମର ଅସଲି ସଂସ୍କାର । ଏହି ସଂସ୍କାର ତ ନକଲୀ ଅଟେ । ମୋର ସଂସ୍କାର, ମୋର ସ୍ୱଭାବ, ଏହା ମାୟାର ବଶୀଭୂତ ହେବାର ସ୍ୱଭାବ । ଏହା ତୁମ ଶ୍ରେଷ୍ଠ ଆତ୍ମାମାନଙ୍କର ଆଦି ଅନାଦି ସ୍ୱଭାବ ନୁହେଁ, ସେଥିପାଇଁ ବାପଦାଦା ସବୁ କଥା ଉପରେ ପୁନର୍ବାର ଧ୍ୟାନ ଆକର୍ଷଣ କରାଉଛନ୍ତି ଏବଂ ଦୋହୋରାଉଛନ୍ତି । ତେଣୁ ଏହି ପରିବର୍ତ୍ତନକୁ ଅବିନାଶୀ କର ।

ତେବେ ପିଲାମାନଙ୍କ ଭିତରେ ବିଶେଷତା ମଧ୍ୟ ବହୁତ ଅଛି । ସ୍ନେହରେ ମଧ୍ୟ ନମ୍ବରୱାନ, ସେବାର ଉମଙ୍ଗ ଉତ୍ସାହରେ ମଧ୍ୟ ନମ୍ବରୱାନ ସେଥିପାଇଁ ସ୍ଥୂଳ ହିସାବରେ ଦୂରରେ ଥିଲେ ମଧ୍ୟ ନିକଟରେ ଅଛ । ଗ୍ରହଣ କରିବା ଶକ୍ତି ମଧ୍ୟ ବହୁତ ଭଲ, ଅନୁଭବ କରିବାରେ ଶକ୍ତି ମଧ୍ୟ ବହୁତ ତୀବ୍ର, ଖୁସିର ଝୁଲଣାରେ ମଧ୍ୟ ଝୁଲୁଛ, ବାଃ ବାବା, ବାଃ ପରିବାର, ବାଃ ଡ୍ରାମାର ଗୀତ ମଧ୍ୟ ଭଲ ଗାଉଛ, ଦୃଢ଼ତାର ବିଶେଷତା ମଧ୍ୟ ବହୁତ ଭଲ । ଚିହ୍ନି ପାରିବାର ବୁଦ୍ଧି ମଧ୍ୟ ତୀବ୍ର ଅଛି । ବାବା ଏବଂ ପରିବାରର ଗେହ୍ଲା ଏବଂ ସିକିଲଧେ ସ୍ନେହୀ ମଧ୍ୟ ବହୁତ ଭଲ, ମଧୁବନର ଶୃଙ୍ଗାର ଏବଂ ଶୋଭା ମଧ୍ୟ ଅଟ, ଭିନ୍ନ ଭିନ୍ନ ଡାଳଗୁଡିକ ମିଶି ଗୋଟିଏ ଚନ୍ଦନର ବୃକ୍ଷ ହେବାର ଦୃଷ୍ଟାନ୍ତ ମଧ୍ୟ ଅଟ । ତେବେ କେତେଗୁଡିଏ ବିଶେଷତା ତୁମ ଭିତରେ ଅଛି! ବିଶେଷତା ଅନେକ କିନ୍ତୁ ଦୁର୍ବଳତା ମାତ୍ର ଗୋଟିଏ । ତେଣୁ ସେହି ଗୋଟିଏ ଦୁର୍ବଳତାକୁ ସମାପ୍ତ କରିବା ତ ବହୁତ ସହଜ ଅଟେ ନା । ସମସ୍ୟା ସମାପ୍ତ ହୋଇ ଯାଇଛି ନା! ବୁଝିଲ!

ଯେପରି ଖୋଲା ହୃଦୟରେ ଶୁଣାଉଛ, ସେହିପରି ଆନ୍ତରୀକ ଭାବରେ ମନ ଭିତରୁ ବାହାର କରି ଦେବାରେ ମଧ୍ୟ ନମ୍ବରୱାନ ଅଟ । ତେବେ ତୁମମାନଙ୍କର ବିଶେଷତା ଗୁଡିକର ମାଳା ଯଦି ତିଆରି କରାଯିବ ତେବେ ବହୁତ ଲମ୍ବା ଚଉଡା ହୋଇଯିବ । ପୁଣି ବି ବାପଦାଦା ଅଭିନନ୍ଦନ ଦେଉଛନ୍ତି । ଏହି ପରିବର୍ତ୍ତନ ୯୯ ପ୍ରତିଶତ ତ କରିନେଲ, ବାକି ଏକ ପ୍ରତିଶତ ରହିଲା । ତାହା ମଧ୍ୟ ହେବ ସୁନିଶ୍ଚିତ ।

ବୁଝିଲ । ତେବେ ତୁମେମାନେ କେତେ ଭଲ ଯାହାକି ତୁରନ୍ତ ପରିବର୍ତ୍ତନ ହୋଇ ନା ରୁ ହଁ କରିଦେଉଛ । ଏହା ମଧ୍ୟ ଗୋଟିଏ ବିଶେଷତା ଅଟେ ନା! ଉତ୍ତର ମଧ୍ୟ ବହୁତ ଭଲ ଦେଉଛ । ଯଦି ପଚରାଯିବ ଶକ୍ତିଶାଳୀ, ବିଜୟୀ ଅଟ ? ତେବେ କହୁଛ ଏବେଠାରୁ ହୋଇଗଲୁ । ଏହା ଦ୍ୱାରା ପରିବର୍ତ୍ତନର ଶକ୍ତି ତୀବ୍ର ହେଲା ନା । କେବଳ ପିମ୍ପୁଡି ବା ମୂଷାକୁ ଡରିବାର ସଂସ୍କାର ଅଛି । ତେବେ ମହାବୀର ହୋଇ ପିମ୍ପୁଡିକୁ ପାଦତଳେ ରଖିଦିଅ ଏବଂ ମୂଷାକୁ ବାହାନ କରିଦିଅ, ଗଣେଶ ହୋଇଯାଅ । ଏବେଠାରୁ ବିଘ୍ନ ବିନାଶକ ଗଣେଶ ହୋଇ ମୂଷା ଉପରେ ବିରାଜମାନ ହୋଇଯାଅ । ମୂଷାକୁ ଡରିବାର ନାହିଁ । ମୂଷା ଶକ୍ତିଗୁଡିକୁ ସମାପ୍ତ କରି ଦେଉଛି । ସହନ ଶକ୍ତିକୁ ସମାପ୍ତ କରିଦେଉଛି । ସରଳତାକୁ ସମାପ୍ତ କରିଦେଉଛି, ସ୍ନେହକୁ ସମାପ୍ତ କରିଦେଉଛି । ମୂଷା କାମୁଡି ଦେଇଥାଏ ନା ଆଉ ପିମ୍ପୁଡି ସିଧା ମୁଣ୍ଡ ଉପରେ ଚଢିଯାଏ । ଟେନସନ୍ ରେ ଆଣି ବେହୋଶ୍ କରିଦିଏ । ସେହି ସମୟରେ ଦୁଃଖୀ କରିଦିଏ ନା । ଆଚ୍ଛା!

ସଦା ସର୍ବଦା ମହାବୀର ହୋଇ ଶକ୍ତିଶାଳୀ ସ୍ଥିତିରେ ସ୍ଥିତ ହେଉଥିବା, ପ୍ରତ୍ୟେକ ସଂକଳ୍ପ, ବାଣୀ ଏବଂ କର୍ମରେ ପ୍ରତି ପାଦରେ ପାଦ ରଖି ବାବାଙ୍କ ସାଥୀରେ ଚାଲୁଥିବା, ସଚ୍ଚା ଜୀବନ ସାଥୀ, ସଦା ସର୍ବଦା ନିଜର ବିଶେଷତାକୁ ସମ୍ମୁଖରେ ରଖି ଦୁର୍ବଳତାକୁ ସଦାକାଳ ପାଇଁ ବିଦାୟ ଦେଉଥିବା, ସଂକଳ୍ପ ରୂପୀ ବୀଜକୁ ସର୍ବଦା ଫଳଦାୟକ କରୁଥିବା, ପ୍ରତି ମୁହୂର୍ତ୍ତରେ ବେହଦର ପ୍ରତ୍ୟକ୍ଷ ଫଳ ଖାଉଥିବା, ସର୍ବ ପ୍ରାପ୍ତିର ଝୁଲଣାରେ ଝୁଲୁଥିବା, ଏହିଭଳି ସଦାକାଳର ସମର୍ଥ ଆତ୍ମାମାନଙ୍କୁ ବାପଦାଦାଙ୍କର ସ୍ନେହପୂର୍ଣ୍ଣ ସ୍ମୃତି ଏବଂ ନମସ୍ତେ ।

ଫ୍ରାନ୍ସ ଗ୍ରୁପ ସହିତ:- ସମସ୍ତେ ପୂର୍ବରୁ ମଧ୍ୟ ବହୁତ ଥର ମିଶିଛ ଏବଂ ଏବେ ମଧ୍ୟ ମିଶୁଛ-- ଯେହେତୁ କଳ୍ପ ପୂର୍ବରୁ ମଧ୍ୟ ମିଶିଥିଲେ ସେଥିପାଇଁ ଏବେ ମିଶୁଛ । ତେବେ କଳ୍ପ ପୂର୍ବର ଆତ୍ମା ପୁଣି ଥରେ ନିଜର ଅଧିକାର ନେବା ପାଇଁ ପହଞ୍ଚି ଯାଇଛନ୍ତି । ତେଣୁ ନୂଆ ଲାଗୁନାହିଁ ନା । ଏବେ ପରିଚୟ ମନେ ପଡୁଛି ଯେ ଆମେ ବହୁତ ଥର ମିଶୁଛୁ । ପରିଚୟ ମିଳିଗଲା ତେଣୁ ଘର ଭଳି ଅନୁଭବ ହେଉଛି । ଯେତେବେଳେ କେହି ନିଜର ଲୋକ ଦେଖାହୋଇ ଯାଆନ୍ତି ତେବେ ନିଜ ଲୋକଙ୍କୁ ଦେଖି ଖୁସି ଲାଗିଥାଏ । ଏବେ ଜାଣୁଛ ପୂର୍ବରୁ ଯେଉଁ ସବୁ ସମ୍ବନ୍ଧ ଥିଲା ତାହା ସ୍ୱାର୍ଥୀ ସମ୍ବନ୍ଧ ଥିଲା, ଅସଲୀ ନଥିଲା । ଏବେ ତ ନିଜର ପରିବାରରେ ବା ନିଜର ମିଠା ଘରେ ପହଞ୍ଚି ଯାଇଛ । ବାପଦାଦା ମଧ୍ୟ ଆସ ଆସ କହି ସ୍ୱାଗତ କରୁଛନ୍ତି ।

ଦୃଢତା ସଫଳତାକୁ ପ୍ରାପ୍ତ କରାଏ, ଯେଉଁଠାରେ ଏହିଭଳି ସଂକଳ୍ପ ଥାଏ ଯେ ଏହା ହେବ କି ନହେବ ସେଠାରେ ସଫଳତା ମିଳିନଥାଏ । ତେଣୁ ଯେଉଁଠାରେ ଦୃଢତା ଅଛି ସେଠାରେ ସଫଳତା ନିଶ୍ଚିତ ଅଛି । ସେଥିପାଇଁ ସେବାରେ କେବେହେଲେ ନିରାଶ ହୁଅ ନାହିଁ କାହିଁକି ନା ଅବିନାଶୀ ବାବାଙ୍କର ଅବିନାଶୀ କାର୍ଯ୍ୟ ଏବଂ ଏହାର ସଫଳତା ମଧ୍ୟ ନିଶ୍ଚିତ ହେବ । ସେବାର ଫଳ ନ ମିଳିବ, ଏହା ହୋଇପାରିବ ନାହିଁ । କିଛି ସେହି ସମୟରେ ମିଳିଯାଏ, କିଛି ବିଳମ୍ବରେ ମିଳେ ସେଥିପାଇଁ କେବେହେଲେ ଏହିଭଳି ସଂକଳ୍ପ ମଧ୍ୟ କରିବାର ନାହିଁ । ସର୍ବଦା ଏହି କଥା ଭାବ ଯେ ସେବା ତ ନିଶ୍ଚିତ ହେବ ।

ଜାପାନ୍ ଗ୍ରୁପ ସହିତ:- ବାବାଙ୍କ ଦ୍ୱାରା ସର୍ବ ସମ୍ପତ୍ତି ପ୍ରାପ୍ତ ହେଉଛି ? ତୁମେମାନେ ତ ଭରପୁର ଆତ୍ମା ଅଟ, ଏହିଭଳି ଅନୁଭବ କରୁଛ ? ଗୋଟିଏ ଜନ୍ମ ନୁହେଁ କିନ୍ତୁ ୨୧ ଜନ୍ମ ପର୍ଯ୍ୟନ୍ତ ଏହି ସମ୍ପତ୍ତି ସାଥୀରେ ରହିବ । ଆଜିର ଦୁନିଆରେ ଯିଏ ଯେତେ ବି ଧନବାନ୍ ହୋଇଥାଉ କିନ୍ତୁ ଯେଉଁ ସମ୍ପତ୍ତି ତୁମ ନିକଟରେ ଅଛି ତାହା କାହା ପାଖରେ ମଧ୍ୟ ନାହିଁ । ତେଣୁ ବାସ୍ତବିକ ସଚ୍ଚା ସଚ୍ଚା ଭି.ଆଇ.ପି କିଏ ? ତୁମେ ହେଲ ନା! ସେମାନଙ୍କର ପୋଜିସନ୍ (ପଦବୀ) ତ ଆଜି ଅଛି କାଲିକୁ ନଥିବ କିନ୍ତୁ ତୁମର ଏହି ଈଶ୍ୱରୀୟ ପୋଜିସନକୁ କେହି ଅଲଗା କରିପାରିବ ନାହିଁ । ବାବାଙ୍କର ଘରର ଶୃଙ୍ଗାର ତୁମେ ପିଲାମାନେ ଅଟ । ଯେପରି ଫୁଲ ଦ୍ୱାରା ଘରକୁ ଶୃଙ୍ଗାର କରାଯାଏ ସେହିଭଳି ତୁମେମାନେ ମଧ୍ୟ ବାବାଙ୍କର ଘରର ଶୃଙ୍ଗାର ଅଟ । ତେଣୁ ସର୍ବଦା ମୁଁ ବାବାଙ୍କର ଘରର ଶୋଭା, ନିଜକୁ ଏହିଭଳି ମନେ କରି ଶ୍ରେଷ୍ଠ ସ୍ଥିତିରେ ସ୍ଥିତ ରୁହ । କେବେ ବି ଦୁର୍ବଳତାର କଥା ମନେ ପକାଅ ନାହିଁ । କାରଣ ବିତିଯାଇଥିବା କଥାକୁ ମନେ ପକାଇବା ଦ୍ୱାରା ଆହୁରି ଅଧିକ ଦୁର୍ବଳତା ଆସିଯିବ । ଅତୀତର କଥାକୁ ଚିନ୍ତା କରିଲେ କାନ୍ଦ ଲାଗିବ ତେଣୁ ଅତିତକୁ ଆଡେଇ ଦିଅ । ବାବାଙ୍କର ସ୍ମୃତି ଶକ୍ତିଶାଳୀ ଆତ୍ମା କରିଦେବେ । ଶକ୍ତିଶାଳୀ ଆତ୍ମା ପାଇଁ ମେହନତ ମଧ୍ୟ ମୋହବ୍ବତ ଅର୍ଥାତ୍ ସ୍ନେହରେ ପରିବର୍ତ୍ତନ ହୋଇଯାଏ । ଯେତେଯେତେ ଜ୍ଞାନର ସମ୍ପତ୍ତିକୁ ଅନ୍ୟକୁ ଦେଉଛ ସେତେ ବଢି ଚାଲିବ । ତେଣୁ ସାହସ ଏବଂ ଉତ୍ସାହର ସହିତ ଆଗକୁ ବଢିଚାଲ । ଆଚ୍ଛା!

ଅବ୍ୟକ୍ତ ମହାବାକ୍ୟ - "ଇଚ୍ଛା ମାତ୍ରମ୍ ଅବିଦ୍ୟା ହୁଅ"

ବ୍ରାହ୍ମଣମାନଙ୍କର ଅନ୍ତିମ ସମ୍ପୂର୍ଣ୍ଣ ସ୍ଥିତିର ବର୍ଣ୍ଣନା ରହିଛି— ଇଚ୍ଛା ମାତ୍ରମ୍ ଅବିଦ୍ୟା ହୁଅ । ଯେତେବେଳେ ଏହିଭଳି ସ୍ଥିତି ହୋଇଯିବ ସେତେବେଳେ ଜୟଜୟକାର ଏବଂ ହାହାକାର ହେବ । ସେଥିପାଇଁ ତୃପ୍ତ ଆତ୍ମା ହୁଅ । ଯେତେ ଯେତେ ତୃପ୍ତ ଆତ୍ମା ହେବ ସେତେସେତେ ଇଚ୍ଛା ମାତ୍ରମ୍ ଅବିଦ୍ୟା ହେବ । ଯେପରି ବାପଦାଦା କୌଣସି ବି ଫଳର ଇଚ୍ଛା ରଖିନଥାନ୍ତି । ପ୍ରତ୍ୟେକ ବାଣୀ ଏବଂ କର୍ମରେ ସଦା ସର୍ବଦା ପିତାଙ୍କର ସ୍ମୃତି ରହିବା କାରଣରୁ ଫଳ ପ୍ରାପ୍ତି କରିବାର ଇଚ୍ଛା ସଂକଳ୍ପରେ ମଧ୍ୟ ଆସିନଥାଏ ସେହିଭଳି ପିତାଙ୍କୁ ଅନୁକରଣ କର । କଞ୍ଚାଫଳ ଖାଇବାର ଇଚ୍ଛା ରଖ ନାହିଁ କାରଣ ଫଳର ଇଚ୍ଛା ସୂକ୍ଷ୍ମରେ ମଧ୍ୟ ରହିଥାଏ । ଯେମିତିକି କରିଲ

ଏବଂ ଫଳ ଖାଇଦେଲ, ତେବେ ଫଳର ପ୍ରାପ୍ତି ସ୍ୱରୂପ କିପରି ଦେଖାଯିବ, ସେଥିପାଇଁ ଫଳର ଇଚ୍ଛାକୁ ଛାଡି "ଇଚ୍ଛା ମାତ୍ରମ୍ ଅବିଦ୍ୟା ହୁଅ" ।

ଯେପରି ଅପାର ଦୁଃଖର ଲିଷ୍ଟ ରହିଛି, ସେହିପରି ଫଳପ୍ରାପ୍ତି କରିବାର ଇଚ୍ଛା ବା ପ୍ରଶଂସା ଶୁଣିବାର ସୂକ୍ଷ୍ମ ସଂକଳ୍ପ ମଧ୍ୟ ରହିଥାଏ, ତାହା ମଧ୍ୟ ଭିନ୍ନ ଭିନ୍ନ ପ୍ରକାରର ହୋଇଥାଏ । ସେଥିରେ ନିଷ୍କାମ ବୃତ୍ତି ରହିନଥାଏ । ପୁରୁଷାର୍ଥର ପ୍ରାରବ୍ଧର ଜ୍ଞାନ ଥାଇ ମଧ୍ୟ ସେଥିରେ ଆସକ୍ତି ରହିଥାଏ । କେହି ଯଦି ତୁମର ମହିମା କରୁଛି ଏବଂ ସେଥିପ୍ରତି ତୁମର ଧ୍ୟାନ ଯାଉଛି ତେବେ ଏହା ମଧ୍ୟ ସୂକ୍ଷ୍ମରୂପରେ ଫଳକୁ ସ୍ୱୀକାର କରିବା ହେଲା । କାରଣ ଗୋଟିଏ ଶ୍ରେଷ୍ଠ କର୍ମ କରିବାର ଶହେଗୁଣା ସମ୍ପନ୍ନ ଫଳ ତୁମ ନିକଟକୁ ଆସିବ କିନ୍ତୁ ତୁମେ ଅଳ୍ପକାଳର ଇଚ୍ଚା ମାତ୍ରମ୍ ଅବିଦ୍ୟା ହୁଅ । ଇଚ୍ଛା-ଆଚ୍ଛା ଅର୍ଥାତ୍ ଭଲ କର୍ମକୁ ସମାପ୍ତ କରିଦିଏ, ଇଚ୍ଛା ହୃଦୟର ସ୍ୱଚ୍ଛତାକୁ ମଧ୍ୟ ସମାପ୍ତ କରିଦିଏ ଏବଂ ସ୍ୱଚ୍ଛତା ପରିବର୍ତ୍ତେ ସୋଚତା ଅର୍ଥାତ୍ ଚିନ୍ତାଗ୍ରସ୍ତ କରିଦିଏ, ସେଥିପାଇଁ ଏହି ବିଦ୍ୟାର ଅବିଦ୍ୟା ହେଉ ।

ଯେପରି ବାବାଙ୍କୁ ଦେଖିଛ— ନିଜର ବିଶ୍ରାମ କରିବାର ସମୟ ମଧ୍ୟ ସେବାରେ ଦେଉଥିଲେ । ନିଜେ ନିର୍ମାଣ ହୋଇ ପିଲାମାନଙ୍କୁ ସମ୍ମାନ ଦେଉଥିଲେ । ପ୍ରଥମେ ପିଲାମାନେ— କାମ ନିଜେ କରୁଥିଲେ କିନ୍ତୁ ପିଲାମାନଙ୍କର ନାମ ଆଗରେ ରଖୁଥିଲେ । କର୍ମ କରିବାର ନାମ ପ୍ରାପ୍ତିକୁ ମଧ୍ୟ ତ୍ୟାଗ କରିଥିଲେ । ପିଲାମାନଙ୍କୁ ମାଲିକ ଏବଂ ନିଜକୁ ସେବାଧାରୀ ରୂପରେ ରଖୁଥିଲେ । ପିଲାମାନଙ୍କୁ ମାଲିକପଣିଆର ନାମ-ମାନ୍-ଶାନ୍ ଅର୍ଥାତ୍ ପଦ-ମର୍ଯ୍ୟାଦା ମଧ୍ୟ ଦେଇ ଦେଇଥିଲେ । କେବେ ବି ନିଜର ନାମକୁ ପ୍ରଚାର କରୁନଥିଲେ— ସବୁବେଳେ କହୁଥିଲେ— ମୋ ପିଲାମାନେ । ତେବେ ଯେପରି ବାବା ନାମ୍-ମାନ୍-ଶାନ୍ ସବୁକିଛି ତ୍ୟାଗ କରିଥିଲେ ସେହିଭଳି ପିତାଙ୍କୁ ଅନୁକରଣ କର । ଯଦି ତୁମେ କୌଣସି ସେବା ଏବେ ଏବେ କରିଲ ଏବଂ ଏବେ ଏବେ ତା'ର ଫଳକୁ ସ୍ୱୀକାର କରିନେଲ ତେବେ ଜମା ତ କିଛି ବି ହେଲା ନାହିଁ, ପ୍ରତିଦିନ କରିଲ ଏବଂ ଖାଇଦେଲ । ତାହା ଦ୍ୱାରା ତୁମ ଭିତରେ ଇଚ୍ଛା ଶକ୍ତି ମଧ୍ୟ ରହିବ ନାହିଁ । ଭିତରେ ଦୁର୍ବଳ ରହିଯିବ, ଶକ୍ତିଶାଳୀ ନୁହେଁ ଖାଲି ଖାଲି ରହିଯିବ । ତେଣୁ ଯେତେବେଳେ ଏହି ସବୁ କଥା ସମାପ୍ତ ହୋଇଯିବ ସେତେବେଳେ ନିରାକାରୀ, ନିରହଂକାରୀ ଏବଂ ନିର୍ବିକାରୀ ସ୍ଥିତି ଆପେ ଆପେ ହୋଇଯିବ । ତୁମେ ପିଲାମାନେ ଯେତେଯେତେ ସବୁ ପ୍ରକାରର କାମନାଠାରୁ ଦୂରେଇ ରହିବ ସେତେସେତେ ତୁମର ସମସ୍ତ କାମନା ମଧ୍ୟ ସହଜରେ ପୂରଣ ହୋଇଚାଲିବ । କୌଣସି ସୁବିଧା ମାଗ ନାହିଁ ବରଂ ଦାତା ହୋଇ ଦିଅ— କୌଣସି ବି ସେବା ପ୍ରତି ବା ନିଜପ୍ରତି ସହଯୋଗ ହିସାବରେ ନିଜର ଉନ୍ନତି ବା ସେବାରେ ଅଳ୍ପକାଳର ସଫଳତା ପ୍ରାପ୍ତ ତ ହୋଇଯିବ, ହେଲେ ଆଜି ମହାନ ହୋଇଯିବ କିନ୍ତୁ କାଲିକୁ ମହାନତାର ଭିକାରୀ ହୋଇଯିବ ଅର୍ଥାତ୍ ସଦାସର୍ବଦା ପ୍ରାପ୍ତିର ଇଚ୍ଛାରେ ରହିଯିବ ।

କେବେ ବି ନ୍ୟାୟ ମାଗିବାବାଲା, ହୁଅ ନାହିଁ କାରଣ କୌଣସି ପ୍ରକାରର ମାଗିବାବାଲା ନିଜକୁ କେବେହେଲେ ତୃପ୍ତ ଆତ୍ମା ଅନୁଭବ କରିପାରିବ ନାହିଁ । ମହାଦାନୀ ଆତ୍ମା ଭିକାରୀଠାରୁ କେବେ ବି ଗୋଟିଏ ନୂଆ ପଇସା ନେବାର ଇଚ୍ଛା ରଖିପାରିବେ ନାହିଁ । ଇଏ ବଦଳି ଯାଆନ୍ତୁ ବା ଇଏ କରନ୍ତୁ ବା ଇଏ କିଛି ସହଯୋଗ ଦିଅନ୍ତୁ, ପ୍ରଥମେ ଇଏ ଆଗକୁ ପାଦ ବଢାନ୍ତୁ, ଏହିଭଳି ସଂକଳ୍ପ ବା ଏହିଭଳି ସହଯୋଗ ପାଇବାର ଭାବନା ପରବଶ, ଶକ୍ତିହୀନ, ଭିକାରୀ ଆତ୍ମାଠାରୁ ବରଦାନୀ ଆତ୍ମା କେବେ ଆଶା ରଖିପାରିବ! ଯଦି କେହି ତୁମର ସହଯୋଗୀ ଭାଇ ବା ଭଉଣୀ ଅର୍ଥାତ୍ ପରିବାରର ଆତ୍ମା, ଅବୁଝା ଭାବରେ ବା ପିଲାଳିଆ ଭାବରେ ଅଳ୍ପକାଳର ବସ୍ତୁକୁ ସଦାକାଳର ପ୍ରାପ୍ତି ମନେ କରି, ଅଳ୍ପକାଳର ମାନ-ସମ୍ମାନ ବା ପ୍ରବ ପ୍ରତିଷ୍ଠା ବା ଅଳ୍ପକାଳର ପ୍ରାପ୍ତିର ଇଚ୍ଛା ରଖୁଛନ୍ତି, ତେବେ ଅନ୍ୟକୁ ମାନ ଦେଇ ନିଜେ ନିର୍ମାନ୍ ହେବା ଅର୍ଥାତ୍ ମାନ-ସମ୍ମାନ ପାଇବାର ଇଚ୍ଛା ନ ରଖିବା, ଏହିଭଳି ଦେବା ହିଁ ସଦାକାଳ ପାଇଁ ନେବା ଅଟେ । ତେବେ କାହାଠାରୁ କୌଣସି ସହଯୋଗ ପାଇଲେ ଯାଇ ସହଯୋଗ ଦେବାର ଭାବନା ସଂକଳ୍ପରେ ମଧ୍ୟ ନ ରହୁ । ଏହିଭଳି ଅଳ୍ପକାଳର ପ୍ରାପ୍ତିର ଇଚ୍ଛାରେ ଭିକାରୀ ହୁଅ । ଯେପର୍ଯ୍ୟନ୍ତ କାହା ଭିତରେ ଅଂଶ ମାତ୍ର ମଧ୍ୟ କୌଣସି ରସ ବା ସାର ଦେଖାଯାଉଛି, ଏହି ସଂସାର ଅସାର ଅନୁଭବ ହେଉନାହିଁ, ବୁଦ୍ଧିରେ ଏକଥା ଆସୁନାହିଁ ଯେ ଏମାନେ ସବୁ ମରିପଡିଛନ୍ତି, ସେପର୍ଯ୍ୟନ୍ତ ସେମାନଙ୍କଠାରୁ କୌଣସି ପ୍ରାପ୍ତିର ଇଚ୍ଛା ହୋଇପାରେ କିନ୍ତୁ ସଦାସର୍ବଦା ଜଣଙ୍କର ରସ ଅର୍ଥାତ୍ ଆକର୍ଷଣରେ ରହୁଥିବା ଆତ୍ମା, ଏକରସ ଅର୍ଥାତ୍ ସ୍ଥିର ଅବସ୍ଥାବାଲା ଯୋଗୀ ହୋଇଯାଆନ୍ତି । ସେମାନଙ୍କର ମୁର୍ଦ୍ଦାରମାନଙ୍କଠାରୁ କୌଣସି ପ୍ରକାରର ପ୍ରାପ୍ତିର ଇଚ୍ଛା ରହିନଥାଏ କିମ୍ବା କୌଣସି ପ୍ରକାରର ବିନାଶୀ ଆକର୍ଷଣ ସେମାନଙ୍କୁ ନିଜ ଆଡକୁ ଆକର୍ଷିତ କରିପାରି ନଥାଏ ।

ତେବେ ଅନେକ ପ୍ରକାରର କାମନା କୌଣସି ପରିସ୍ଥିତିକୁ ସାମନା କରିବାରେ ବିଘ୍ନ ସୃଷ୍ଟି କରିଥାଏ । ଯେତେବେଳେ ଏହିଭଳି କାମନା ରଖୁଛ ଯେ ମୋର ନାଁ ବିଖ୍ୟାତ ହେଉ, ମୁଁ ଏହିଭଳି, ମୋଠାରୁ କାହିଁକି ରାୟ ନିଆଗଲା ନାହିଁ, ମୋର ମୂଲ୍ୟ କାହିଁକି ରଖାଗଲା ନାହିଁ ? ସେତେବେଳେ ସେବାରେ ବିଘ୍ନ ପଡିଥାଏ ସେଥିପାଇଁ ମାନ ପାଇବାର ଇଚ୍ଛାକୁ ଛାଡି ସ୍ୱମାନରେ ସ୍ଥିତ ହୋଇଯାଅ ତେବେ ମାନ-ସମ୍ମାନ ଛାୟା ଭଳି ତୁମ ପଛରେ ଆସିବ ।

କେହି କେହି ପିଲା ବହୁତ ଭଲ ପୁରୁଷାର୍ଥୀ ଅଟନ୍ତି କିନ୍ତୁ ପୁରୁଷାର୍ଥ କରୁ-କରୁ କେଉଁଠି କେଉଁଠି ପୁରୁଷାର୍ଥ ଭଲ କରିବା ପରେ ପ୍ରାରବ୍ଧକୁ ଏହିଠାରେ ହିଁ ଭୋଗ କରିବା ପାଇଁ ଇଚ୍ଛା ରଖିଥାଆନ୍ତି । ଏହିଭଳି ଭୋଗ କରିବାର ଇଚ୍ଛା ଜମା ହେବାରେ କମୀ କରିଦିଏ

ସେଥିପାଇଁ ପ୍ରାରବ୍ଧ ପାଇବାର ଇଚ୍ଛାକୁ ସମାପ୍ତ କରି କେବଳ ଭଲ ପୁରୁଷାର୍ଥ କର । ଇଚ୍ଛା ପରିବର୍ତ୍ତେ ଆଚ୍ଛା (ଭଲ) ଶବ୍ଦକୁ ମନେ ପକାଅ ।

ଭକ୍ତମାନଙ୍କୁ ସର୍ବପ୍ରାପ୍ତି କରାଇବାର ଆଧାର— "ଇଚ୍ଛା ମାତ୍ରମ୍ ଅବିଦ୍ୟା ହୁଅ"ର ସ୍ଥିତି । ଯେତେବେଳେ ନିଜେ "ଇଚ୍ଛା ମାତ୍ରମ୍ ଅବିଦ୍ୟା ହୁଅ" ହୋଇଯିବ ସେତେବେଳେ ଯାଇ ଅନ୍ୟ ଆତ୍ମାମାନଙ୍କର ସର୍ବ ଇଚ୍ଛାକୁ ପୂର୍ଣ୍ଣ କରିପାରିବ । ତେଣୁ କୌଣସି ବି ଇଚ୍ଛା ନିଜ ପ୍ରତି ରଖ ନାହିଁ କିନ୍ତୁ ଅନ୍ୟ ଆତ୍ମାମାନଙ୍କର ଇଚ୍ଛାକୁ ପୂର୍ଣ୍ଣ କରିବାର କଥା ଚିନ୍ତା କର ତେବେ ନିଜେ ଆପେ ଆପେ ସମ୍ପନ୍ନ ହୋଇଯିବ । ବର୍ତ୍ତମାନ ବିଶ୍ୱର ଆତ୍ମାମାନଙ୍କର ଅନେକ ପ୍ରକାରର ଇଚ୍ଛାକୁ ପୂର୍ଣ୍ଣ କରିବାର ଦୃଢ ସଂକଳ୍ପ ଧାରଣ କର । ତେବେ ଅନ୍ୟମାନଙ୍କର ଇଚ୍ଛାକୁ ପୂରଣ କରିବା ଅର୍ଥ ନିଜକୁ ଇଚ୍ଛା ମାତ୍ରମ୍ ଅବିଦ୍ୟା କରିବା । ଯେପରି ଦେବା ଅର୍ଥାତ୍ ନେବା ଅଟେ, ସେହିପରି ଅନ୍ୟମାନଙ୍କର ଇଚ୍ଛାକୁ ପୂର୍ଣ୍ଣ କରିବା ଅର୍ଥାତ୍ ସ୍ୱୟଂକୁ ସମ୍ପନ୍ନ କରିବା । ତେଣୁ ସଦାସର୍ବଦା ଏହି ଲକ୍ଷ୍ୟ ରଖ ଯେ ମୋତେ ସମସ୍ତଙ୍କର ଇଚ୍ଛାକୁ ପୂର୍ଣ୍ଣ କରିବାବାଲା ମୂର୍ତ୍ତି ହେବାକୁ ପଡିବ । ଆଚ୍ଛା!

**ବରଦାନ:-** ପରିସ୍ଥିତିଗୁଡିକୁ ରାସ୍ତାକଡର ଦୃଶ୍ୟ ମନେ କରି ଅତିକ୍ରମ କରୁଥିବା ସ୍ମୃତି ସ୍ୱରୂପ ସମର୍ଥ ଆତ୍ମା ହୁଅ ।

ସ୍ମୃତି ସ୍ୱରୂପ ଆତ୍ମା ସମର୍ଥ ହେବା କାରଣରୁ ପରିସ୍ଥିତି ଗୁଡିକୁ ଖେଳ ମନେ କରିଥାଆନ୍ତି । ଚାହେଁ କେତେ ବି ବଡ ପରିସ୍ଥିତି ହୋଇଥାଉ କିନ୍ତୁ ସମର୍ଥ ଆତ୍ମା ପାଇଁ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ଏହା ସବୁ ରାସ୍ତା କଡର ଦୃଶ୍ୟ ସଦୃଶ ଅଟେ । ଲୋକମାନେ ତ ଧନ ଖର୍ଚ୍ଚ କରି ମଧ୍ୟ ଦୃଶ୍ୟ ଦେଖିବା ପାଇଁ ଯାଉଛନ୍ତି । ତେଣୁ ସ୍ମୃତି ସ୍ୱରୂପ ସମର୍ଥ ଆତ୍ମା ପାଇଁ ପରିସ୍ଥିତି କୁହ, ପରୀକ୍ଷା କୁହ, ବିଘ୍ନ କୁହ ସବୁ କିଛି ରାସ୍ତା କଡର ଦୃଶ୍ୟ ଏବଂ ସେମାନଙ୍କର ସ୍ମୃତିରେ ଅଛି ଯେ ଏହି ସବୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ରାସ୍ତାକଡର ଦୃଶ୍ୟକୁ ମୁଁ ଅଗଣିତ ଥର ଅତିକ୍ରମ କରିଛି, ତେଣୁ ଏହା କିଛି ନୂଆ କଥା ନୁହେଁ ।

**ସ୍ଲୋଗାନ:-** ଅନ୍ୟମାନଙ୍କର କରେକସନ୍ ଅର୍ଥାତ୍ ଭୁଲ ଦର୍ଶାଇବା ପରିବର୍ତ୍ତେ ବାବାଙ୍କ ସହିତ କନେକସନ୍ ଯୋଡିଦିଅ ତେବେ ବରଦାନର ଅନୁଭୂତି ହେବାକୁ ଲାଗିବ ।

***** ଓମ୍ ଶାନ୍ତି *****

ସୂଚନା:- ଆଜି ମାସର ତୃତୀୟ ରବିବାର ତେଣୁ ସମସ୍ତ ଭାଇ ଭଉଣୀମାନେ ସନ୍ଧ୍ୟା ୬.୩୦ଠାରୁ ୭.୩୦ ପର୍ଯ୍ୟନ୍ତ ବିଶେଷ ଭାବରେ ସଂଗଠିତ ରୂପରେ ବିଶ୍□ରେ ସଂକଳ୍ପ ଦ୍□ାରା ସର୍ବଶକ୍ତିର କିରଣ ବିଚ୍ଛୁରିତ କରିବା । ସେଥିପାଇଁ ଏହି ସ୍□ମାନ ସ୍ମୃତିରେ ରୁହ ଯେ ମୁଁ ମାଷ୍ଟର ସର୍ବଶକ୍ତିବାନ ଆତ୍ମା ପ୍ରକୃତି ସହିତ ସର୍ବ ଆତ୍ମାମାନଙ୍କୁ ସର୍ବଶକ୍ତିର ଦାନ ଦେଉଛି ।